# ଡେରଜାଙ୍ଗ ଡ୍ୟାମ୍‌ରେ 'ବୋଟିଂ ସୁବିଧା'ର ଶୁଭାରମ୍ଭ

■ଦୁଃସାହସିକ ଜଳକ୍ରୀଡ଼ାର ଆନନ୍ଦ ଉଠାଇବେ ପର୍ଯ୍ୟଟକ

■ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ - ଧର୍ମେନ୍ଦ୍ର ପ୍ରଧାନ



'ବୋଟିଂ ସୁବିଧା'ର ଶୁଭାରମ୍ଭ ଅବସରରେ ଅତିଥିମାନେ ବୋଟିଂର ମଜା ନେଉଛନ୍ତି।

ଅନୁଗୋଳ,୨୧।୩ (ଜ୍ୟୋତିରଞ୍ଜନ ସାହୁ)/(ଦିବ୍ୟଶାନ୍ତନୁ ନାଥ)

ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତଃ ଘଟିବା ସହ ଅନୁଗୋଳ ଡେରଜାଙ୍ଗ ଡ୍ୟାମ୍‌ରେ ଇକୋ ଟୁରିଜମ୍ 'ବୋଟିଂ ସୁବିଧା'ର ଶୁଭାରମ୍ଭ ହୋଇଛି। ଶନିବାର ଡେରଜାଙ୍ଗ ଡ୍ୟାମ୍‌ରେ ଏହି ନୂତନ ଜଳକ୍ରୀଡ଼ାର ଉଦ୍‌ଘାଟନ କରିଛନ୍ତି ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଡ୍ୟାମ୍‌ର ଜଳରାଶିରେ ଏଣିକି ବୋଟିଂ ସାଙ୍ଗକୁ ଭଳିକି ଭଳି ଦୁଃସାହସିକ ଜଳକ୍ରୀଡ଼ାର ଆନନ୍ଦ ଉଠାଇବେ ପର୍ଯ୍ୟଟକ। ଏଥିସହ ଦୀର୍ଘବର୍ଷ ହେଲା ଅବହେଳିତ ହୋଇପଡ଼ିଥିବା ଡେରଜାଙ୍ଗ ଡ୍ୟାମ୍ ଏବେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି କୁହାଯାଉଛି।

ବନ ବିଭାଗ ଓ ଜିଲା ଖଣିଜ ପାଣ୍ଠି ଅନୁଦାନରେ ଡେରଜାଙ୍ଗ ଇକୋ ଟୁରିଜମ୍ ସେଣ୍ଟର୍ ସ୍ଥାପନ କରାଯାଉଛି। ଏଥିପାଇଁ ଜିଲା ଖଣିଜ ପାଣ୍ଠିରୁ ୬ କୋଟି ୮୭ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଡେରଜାଙ୍ଗର ଗଭୀର ପାଣିରେ ଜେଟ ସ୍କି, ସ୍ପିଡ୍ ବୋଟ, ୱାଟର୍ ସାଇକେଲ, ଆକ୍ୱା ବାଇକ, ପେଡାଲ ବୋଟ, କାୟାକ ବୋଟ ଭଳି ଅନେକ ଆକର୍ଷଣୀୟ ଜଳକ୍ରୀଡ଼ା ରହିଛି। ଜଳକ୍ରୀଡ଼ାରେ ସହାୟତା କରିବା ପାଇଁ ତାଲିମପ୍ରାପ୍ତ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜଳକ୍ରୀଡ଼ା ସାଙ୍ଗକୁ ଔଷଧୀୟ ପାର୍କ, ପ୍ଲେ ପାଇଁ ନିର୍ମାଣ କାମ ଜୋରସୋରରେ ଚାଲିଛି। ପ୍ଲେ ପାର୍କରେ ଛୋଟ ପିଲାଙ୍କଠାରୁ ନେଇ ସବୁ ବର୍ଗର ଲୋକଙ୍କ ପାଇଁ ଭଳିକି ଭଳି କ୍ରୀଡ଼ା ଉପକରଣ ଖଞ୍ଜାଯିବ। ଏହି ପ୍ରକଳ୍ପ ଅନ୍ତର୍ଗତ ଏକ ବହୁମୁଖୀ କୋଠାର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କୋଠାରେ ପର୍ଯ୍ୟଟକ ଡେରଜାଙ୍ଗର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ନିମିତ୍ତ ୱାଚଟାୱାର ରହିବ। ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ ୩ଟି ସୁଟ ରହିବ। ପର୍ଯ୍ୟଟକ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ବୁକିଂ କରି ଏହି ସୁଟ୍‌ରେ ରହିପାରିବେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଅନୁଗୋଳ ଜିଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ। ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଳି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ, ଏହି ଅଞ୍ଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ମହାନଦୀ ଓ ବ୍ରାହ୍ମଣୀ ଭଳି ୨ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି। ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା। କିନ୍ତୁ ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୋଇଛି। ଏହି ସୁବିଧା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବ। ଏହି ସାଧୁ ଉଦ୍ୟମ ପାଇଁ ସେ ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗକୁ ସାଧୁବାଦ ଜଣାଇଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ 'ନାଗରିକ ସମ୍ବର୍ଦ୍ଧନା ସଭା'ରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ବଣ୍ଡରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏବେଠାରୁ ଜନସାଧାରଣ ଜଳ ଭଣ୍ଡାର ମଧ୍ୟରେ ଜଳକ୍ରୀଡ଼ା କରିପାରିବେ ବୋଲି ବନଖଣ୍ଡ ଅଧିକାରୀ ନୀତିଶ କୁମାର ପ୍ରକାଶ କରିଛନ୍ତି।

## ଜଳ କ୍ରୀଡ଼ା ପାଇଁ ଟିକେଟ ଦର

ଡେରଜାଙ୍ଗ ଡ୍ୟାମ୍‌ରେ ଜଳକ୍ରୀଡ଼ା କରିବା ପାଇଁ ଇଚ୍ଛୁକ ପର୍ଯ୍ୟଟକଙ୍କ ପାଇଁ ଟିକେଟ୍ ଦର ଧାର୍ଯ୍ୟ କରାଯାଇଛି। ୭ ଜଣିଆ ସ୍ପିଡ୍ ବୋଟ୍‌ରେ ୧୦ ମିନିଟ୍ ପାଇଁ ୧୫୦ ଟଙ୍କା ରଖାଯାଇଛି। ୧୧ ସିଟ୍ ବିଶିଷ୍ଟ ସ୍ପିଡ୍ ବୋଟ୍ ପାଇଁ ୧୫୦ ଟଙ୍କା ରହିଛି। ସେହିପରି ୨ ସିଟ୍ ବିଶିଷ୍ଟ ଜେଟ୍ ସ୍କିରେ ୫ ମିନିଟ୍ ବୁଲିବାକୁ ୫୦୦ ଟଙ୍କା ଦେବାକୁ ପଡ଼ିବ। ୨ ସିଟ୍ ବିଶିଷ୍ଟ ପେଡାଲ ବୋଟ୍‌ରେ ୨୦ ମିନିଟ୍ ବୁଲିବା ପାଇଁ ୫୦ ଟଙ୍କା, ୪ ଜଣିଆ ପେଡାଲ ବୋଟ ପାଇଁ ୫୦ ଟଙ୍କା, ୬ ସିଟ୍ ପାଇଁ ୫୦ ଟଙ୍କା ଦର ଧାର୍ଯ୍ୟ କରାଯାଇଛି। ୨ ସିଟ୍ ବିଶିଷ୍ଟ ସ୍ୱାନ ବୋଟ୍‌ରେ ୨୦ ମିନିଟ୍ ବୁଲିବା ପାଇଁ ୬୦ ଟଙ୍କା ଦେବାକୁ ପଡ଼ିବ। ୪ ସିଟ୍ ବିଶିଷ୍ଟ ସ୍ୱାନ ବୋଟ ପାଇଁ ସେହି ୬୦ଟଙ୍କା ରଖାଯାଇଥିବାବେଳେ ସିଙ୍ଗଲ ସିଟ୍ ବିଶିଷ୍ଟ କାୟାକ ବୋଟ୍‌ରେ ୨୦ ମିନିଟ୍ ପାଇଁ ୭୦ ଟଙ୍କା ଦେୟଧାର୍ଯ୍ୟ କରାଯାଇଛି। ଡବଲ ସିଟ୍ କାୟାକ ବୋଟ୍ ପାଇଁ ୭୦ ଟଙ୍କା, ସିଙ୍ଗଲ ସିଟ୍ ୱାଟର ସାଇକେଲରେ ୨୦ ମିନିଟ୍ ପାଇଁ ୬୦ ଟଙ୍କା, ୨ ସିଟ୍ ବିଶିଷ୍ଟ ଟ୍ରାଇସାଇକେଲ ବୋଟ ପାଇଁ ୭୦ ଟଙ୍କା, ୱାଟର ବଲ୍‌ରେ ୫ ମିନିଟ୍ ପାଇଁ ଜଣେ ବୁଲିଲେ ୭୦ ଟଙ୍କା, ୩ ସିଟ୍ ବିଶିଷ୍ଟ ୱାଟର ରୁଲରରେ ୧୫ ମିନିଟ୍ ପାଇଁ ୬୦ ଟଙ୍କା, ୬ ସିଟ୍ ବିଶିଷ୍ଟ ଡୁ ନଟ୍ ବୋଟରେ ୨୦ ମିନିଟ୍ ପାଇଁ ୧୦୦ ଟଙ୍କା ଓ ୨ ସିଟ୍ ବିଶିଷ୍ଟ ଆକ୍ୱା ବାଇକ୍‌ରେ ୨୦ ମିନିଟ୍ ପାଇଁ ୮୦ ଟଙ୍କା ଦର ଧାର୍ଯ୍ୟ କରାଯାଇଛି।

# ଆନନ୍ଦ ଉଲ୍ଲାସର ସହ ଇଦ୍-ଉଲ୍-ଫିତର ପାଳିତ



ଆଠମଲ୍ଲିକଠାରେ ଉଦ୍-ଉଲ୍-ଫିତର ପାଳନ କରାଯାଉଛି।

ଆଠମଲ୍ଲିକ,୨୧।୩(ଉଦୀପ୍ତ ପୁରୋହିତ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)

ପବିତ୍ର ରମଜାନ ମାସ ଶେଷ ସହ ଶନିବାର ମୁସଲମାନ ଭାଇମାନଙ୍କ ତରଫରୁ ଆନନ୍ଦ ଉଲ୍ଲାସର ସହ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ସକାଳ ୯ଟାରେ ଆଠମଲ୍ଲିକସ୍ଥିତ ମସଜିଦ୍‌ରେ ସାମୂହିକ ନମାଜ ପାଠ କରାଯାଇଥିଲା। ସମସ୍ତେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କବର ସ୍ଥାନକୁ ଯାଇ ପୂର୍ବ ପୁରୁଷମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ମୁସଲମାନ କମିଟି ସଭାପତି ରିୟାଜ ଖାଁ, ଉପସଭାପତି ମହମ୍ମଦ ସିରାଜ, ସମ୍ପାଦକ ସଦାକତ ଖାଁ, କୋଷାଧ୍ୟକ୍ଷ ସକୀର ଖାଁ, ଉପଦେଷ୍ଟା ମହମ୍ମଦ ସଲିମ, କାଉନସିଲର ଇବ୍ରାହିମ ଖାଁଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ସେହିପରି ପାଲଲହଡା ସହର ପୁରୁଣା ହାଟତୋଟା ନିକଟସ୍ଥ ଆଏସା ମସଜିଦ୍‌ରେ ସାମୂହିକ ନମାଜ ପାଠ ହେଇଥିଲା। ମୌଲାବି ହାବିଉଲ ଅହମଦ୍ ନମାଜ ପାଠ କରାଇଥିଲେ। ମସଜିଦ୍‌ର ମୁଖ୍ୟ ପରିଚାଳକ ଏମ୍‌ଡି ଅନବାର ଖାଁ ମହମ୍ମଦ, ଶେଖ ଅବଦୁଲା, ଇସ୍ମାଇଲ ଖାଁ, ଇବ୍ରାହିମ ଖାଁ ଉପସ୍ଥିତ ଥିଲେ। ଉଦିତନଗର ଜାମା ମସଜିଦ୍‌ରେ ମୌଲାବି ରାଜା ଖାଁ ସାମୂହିକ ନମାଜ ପାଠ କରାଇଥିଲେ। ମସଜିଦ୍‌ର ମୁଖ୍ୟ ପରିଚାଳକ ଅନବର କୁରସି, ଯିମନ ମଲିକ, ଏସ୍‌କେ ସନିଆ, ମହମ୍ମଦ ଦାଉଦ ଅଲ୍ଲୀ ଉପସ୍ଥିତ ଥିଲେ।



ପାଲଲହଡ଼ାଠାରେ ଉଦ୍-ଉଲ୍-ଫିତର ପାଳନ କରାଯାଉଛି।

# ସାଇବର ଠକେଇ: ଆକାଉଣ୍ଟରୁ କଟିଗଲା ୧.୬୦ ଲକ୍ଷ

ଅନୁଗୋଳ,୨୧।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲାରେ ସାଇବର ଠକେଇ ଘଟଣା ବଢ଼ିଚାଲିଛି। ଦିନକୁ ଦିନ ନୂଆ ନୂଆ ଉପାୟରେ ଲୋକଙ୍କ ଆକାଉଣ୍ଟ ଖାଲି କରୁଛନ୍ତି ସାଇବର ଅପରାଧୀ। ଏପରି ଏକ ଘଟଣାରେ ସୋସିଆଲ ମିଡିଆରେ ଆସିଥିବା ଏକ ପେଜ୍‌କୁ ଖୋଲିବା ମାତ୍ରେ ଆକାଉଣ୍ଟରୁ ୧.୬୦ ଲକ୍ଷ ଟଙ୍କା କଟିଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଅନୁଗୋଳ ସହରର ପରମାନନ୍ଦ ଶର୍ମା (୫୩) ଗତ ବୁଧବାର ଅପରାହ୍ନରେ ଫେସ୍‌ବୁକ ବ୍ୟବହାର କରୁଥିବା ବେଳେ ଏକ ସନ୍ଦିଗ୍ଧ ପେଜ୍ ତାଙ୍କ ମୋବାଇଲ ସ୍କ୍ରିନ୍‌ରେ ଆସିଥିଲା। ଅଜାଣତରେ ସେହି ପେଜ୍ ଉପରେ କ୍ଲିକ କରିବା ପରେ, ତାଙ୍କ ମୋବାଇଲରେ ଆପେ ଆପେ ଏକ ଆପ୍ଲିକେସନ ଡାଉନଲୋଡ ହୋଇ ଇନଷ୍ଟଲ ହୋଇଗଲା। ଏହାପରେ ମୋବାଇଲ ହ୍ୟାଙ୍ଗ ହେବା ସହିତ ବ୍ୟାଟେରି ଦ୍ରୁତ ଗତିରେ କମିଯାଇ ମୋବାଇଲ ଅଫ୍ ହୋଇଗଲା। ଗୁରୁବାର ସକାଳେ ତାଙ୍କ ଆକାଉଣ୍ଟରୁ ୧.୬୦ ଲକ୍ଷ ଟଙ୍କା କଟିଯାଇଥିବା ମେସେଜ ଆସିଥିଲା। ତଦନ୍ତରେ ଜଣାପଡ଼ିଛି, ଅନ୍‌ଲାଇନ ଠକମାନେ ୩ଟି ପର୍ଯ୍ୟାୟରେ ମୋଟ ୧ ଲକ୍ଷ ୬୦ ହଜାର ଟଙ୍କା ଉଠାଇନେଇଛନ୍ତି। ଘଟଣା ସମ୍ପର୍କରେ ପରମାନନ୍ଦ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବିପଦସଙ୍କୁଳ ଅବସ୍ଥାରେ ମେଡିକାଲ ଗୃହ

■ନୂତନ କୋଠା ନିର୍ମାଣ ହେଉ ନ ଥିବାରୁ ଅସନ୍ତୋଷ

■ଜିଲାପାଳଙ୍କଠାରେ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ଗୃହ ଓ କ୍ୱାର୍ଟର୍ସଗୁଡ଼ିକ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେଲେ ମେଡିକାଲ ଭିତରେ ପାଣି ଗଳୁଛି। ଫଳରେ ରୋଗୀ ଓ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ ବିଲ୍ଡିଂ ନିର୍ମାଣ ହେଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ଶନିବାର ବଇଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତି, ବଇଣ୍ଡା ମେଡିକାଲ କୋଠା ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ରୋଗୀ ସେବା ପ୍ରଭାବିତ ହେଉଛି। ଡାକ୍ତରଙ୍କ କ୍ୱାର୍ଟର୍ସ ଦୀର୍ଘବର୍ଷ ହେବ ଭାଙ୍ଗିଯାଇଥିବା ଯୋଗୁ ଏଠାରେ ସ୍ଥାୟୀ ଭାବେ ଡାକ୍ତର ରହୁନାହାନ୍ତି। କିଛି ଦିନ ପୂର୍ବେ ଏହି ଡାକ୍ତରଖାନାରେ ଡାକ୍ତର ନିଯୁକ୍ତ ହୋଇଥିଲେ ହେଁ କ୍ୱାର୍ଟର୍ସ ନ ଥିବାରୁ ଡାକ୍ତର ଅନୁଗୋଳରେ ରହୁଛନ୍ତି। ଫଳରେ ରୋଗୀସେବା ଠିକ୍ ଭାବେ ହୋଇପାରୁ ନାହିଁ। ଅନ୍ୟପଟରେ ମେଡିକାଲରେ ନିଯୁକ୍ତି ପାଇଥିବା କେତେଜଣ କର୍ମଚାରୀ ମେଡିକାଲ ବାହାରେ ଭଡ଼ାରେ ରହୁଥିବା ଯୋଗୁ ମେଡିକାଲକୁ ଠିକ୍ ସମୟରେ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମେଡିକାଲର ନୂତନ କୋଠା ନିର୍ମାଣ ପାଇଁ ପୂର୍ବ ସରକାରଙ୍କ ଅମଳରେ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣ ହୋଇପାରୁ ନାହିଁ। ଫଳରେ ଏହି ମେଡିକାଲ ଉପରେ ନିର୍ଭର କରୁଥିବା ଗ୍ରାମବାସୀମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।



ବିପଦସଙ୍କୁଳ ଅବସ୍ଥାରେ ଥିବା ବଇଣ୍ଡା ମେଡିକାଲ ଡାକ୍ତରଙ୍କ କ୍ୱାର୍ଟର୍ସ।

# ବନ ସୁରକ୍ଷା ସଚେତନତା ବୃଦ୍ଧି କରିବାକୁ ସଙ୍କଳ୍ପ




କଣିହାଁ,୨୧।୩(ନିରୋଜ ପ୍ରଧାନ)

କଣିହାଁ ବନ ବିଭାଗ ପକ୍ଷରୁ ବିଶ୍ୱ ବନ ଦିବସ ଡେରେଙ୍ଗ ସେବାଶ୍ରମ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେରେଙ୍ଗ ପଞ୍ଚାୟତ ସରପଞ୍ଚ ସଂଯୁକ୍ତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସହ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇଥିଲେ। ବନ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ଚାରାରୋପଣର ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଫରେଷ୍ଟର ଦୀପକ କୁମାର ସେଠୀ, ପ୍ରଦୀପ କୁମାର ପ୍ରଧାନ ଓ ଚନ୍ଦନ କୁମାର ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଏହାସହ ଜୟ ଶ୍ରୀରାମ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ, ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଗଡ଼ନାୟକ ଓ ଶିକ୍ଷକ ସଂଗ୍ରାମ କିଶୋର ସାହୁ, ଦିଲୀପ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କ ମିଳିତ ଉଦ୍ୟମରେ ବନ ସୁରକ୍ଷା ପାଇଁ ସଚେତନତା ବୃଦ୍ଧି କରିବାକୁ ସଙ୍କଳ୍ପ ଗ୍ରହଣ କରାଯାଇଥିଲା।

# ଶିଶୁମନ୍ଦିରରେ କଣ୍ଢେଇ ଦିବସ ପାଳିତ



କଣ୍ଢେଇ ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଶିଶୁମାନେ।

ବଇଣ୍ଡା, ୨୧।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଶନିବାର କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚନ୍ଦ୍ରିକା ବାରିକ ଯୋଗଦେଇ ଏହି ଦିବସ ପାଳନ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଗୌରୀ ଶତପଥୀ ଯୋଗ ଦେଇଥିଲେ। ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଛାତ୍ରୀମାନେ କଣ୍ଢେଇ ପ୍ରଦର୍ଶନ କରିଥିଲେ। ଲିପିକା ସାହୁ, ରଶ୍ମିତା ମହାନ୍ତି, ନିରୁପମା ବାରିକ, ରତ୍ନମଞ୍ଜରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବାର୍ଷିକ ବଡ଼ମେଳା ହରିହାଟ ମହୋତ୍ସବ

ବଣ୍ଡରପାଳ,୨୧।୩(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକ ଗୋଡମରା ଉପର ସାହିରେ ଶନିବାର ବାର୍ଷିକ ବଡ଼ ମେଳା 'ହରିହାଟ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଦୁଡ଼ିଆ ପୁଷ୍କରିଣୀରୁ ଶତାଧିକ ମହିଳା କଳସଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସକାଳ ପ୍ରାୟ ୧୦ଟାରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇ ମଧ୍ୟାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ଦିବା ୧ଟା ପରେ ରାଧା-କୃଷ୍ଣଙ୍କ ବିଗ୍ରହକୁ ସୁସଜ୍ଜିତ ପାଲିଙ୍କିରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିସହିତ କଲିକତାର ପ୍ରସିଦ୍ଧ କାଳୀ ନୃତ୍ୟ, ବିଭିନ୍ନ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ, ମହିଳାଙ୍କ ବାଦ୍ୟ ପରିବେଷଣ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା।



# ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

କଣିହାଁ,୨୧।୩ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ନାଲମ ଶିଶୁମନ୍ଦିରରେ ରେଙ୍ଗାଳି ମଣ୍ଡଳ ତରଫରୁ ଦୀନ୍‌ଦୟାଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲା ଭାଜପା ଉପସଭାପତି ନୃସିଂହ ବରାଳ ଓ ପାଲଲହଡା ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରହ୍ଲାଦ ସାମଲ ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିବାବେଳେ ପ୍ରଶିକ୍ଷକ ଭାବେ ଲିଙ୍ଗରାଜ ଦାସ, ଶୋଭାଙ୍ଗିନୀ ପ୍ରଧାନ, ତ୍ରିପୁରାରି ପ୍ରଧାନ, ନୃସିଂହ ବରାଳ, ଧର୍ମେନ୍ଦ୍ର ସାହୁ, ପ୍ରହ୍ଲାଦ ସାମଲ ଓ ଧର୍ମେନ୍ଦ୍ର ମହନ୍ତ ଯୋଗଦେଇ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରେଙ୍ଗାଳି ଭାଜପା ମଣ୍ଡଳର ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟ ଏହି ଶିବିରରେ ଉପସ୍ଥିତ ଥିଲେ। ମଣ୍ଡଳ ପ୍ରଭାରୀ ଦିଲେଶ୍ୱର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।





ଇଦ୍-ଉଲ୍-ଫିତର ଅବସରରେ ଅନୁଗୋଳ ସହରସ୍ଥିତ ମସଜିଦ୍‌ରେ ନମାଜ ପାଠ। (ଫଟୋ- ବୁବୁ)

# 'ଗାଁର ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ'

## ୧୭୨ କୋଟି ଟଙ୍କା ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱଚ୍ଛ, ସୁନ୍ଦର, ସବୁଜ ଲୋଗୋ ପ୍ରଦାନ କରୁଛନ୍ତି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା।

ଛେଣ୍ଡିପଦା,୨୧।୩ (ଅଜିତ ଧଳ)

ଗ୍ରାମ ବିକାଶର ଧାରାକୁ ସୁଦୃଢ଼ କରି ଜନସାଧାରଣଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସରକାରଙ୍କ ଲକ୍ଷ୍ୟ। ଅନୁଗୋଳ ଜିଲା ଛେଣ୍ଡିପଦା ଠାରେ ଶନିବାର ପ୍ରାୟ ୧୭୨ କୋଟି ଟଙ୍କା ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଛେଣ୍ଡିପଦା ଅଞ୍ଚଳର ପ୍ରଗତି ପାଇଁ ନିର୍ମାଣ ହେବାକୁ ଥିବା ଷ୍ଟାଡିୟମ ଓ ନୂତନ କମ୍ୟୁନିଟି ସେଣ୍ଟର ଭଳି ବୃହତ୍ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିସହିତ ୪୨ ଜଣ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁଗୋଳ ଜିଲାକୁ ପ୍ରାୟ ୨୫,୦୦୦ରୁ ଅଧିକ ଘର ଆସିବ ଏବଂ ଡବଲ ଇଞ୍ଜିନ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଭଉା ପହଞ୍ଚାଇବାକୁ ସଂକଳ୍ପବଦ୍ଧ। ଅନୁଗୋଳ ଜିଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ଲକ୍ଷ୍ୟରେ ଡେରଜାଙ୍ଗ ପ୍ରକଳ୍ପରେ ଏକ ଆଧୁନିକ ବୋଟିଂ ଫ୍ୟାସିଲିଟିର ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଆମଦାନୀ ଓ ରୋଜଗାର ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରେ କେନ୍ଦ୍ରମନ୍ତ୍ରୀ ଛେଣ୍ଡିପଦା ଠାରେ ଭାଜପାର ଏକ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ସହ ମିଶ୍ରଣ ପର୍ବରେ ନୂଆ ସଦସ୍ୟଙ୍କୁ ଦଳରେ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ନୂତନ ସଦସ୍ୟଙ୍କ ଯୋଗଦାନ ଛେଣ୍ଡିପଦା ଅଞ୍ଚଳରେ ସଙ୍ଗଠନକୁ ଅଧିକ ସୁଦୃଢ଼ ଓ ଗତିଶୀଳ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ଯେପରି ପ୍ରତ୍ୟେକ ସରକାରୀ ଯୋଜନାର ସୁଫଳ ଠିକ୍ ଭାବେ ପହଞ୍ଚିପାରିବ, ସେଥିପାଇଁ ନିଷ୍ଠାର ସହ ଦାୟିତ୍ୱ ନେବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଛେଣ୍ଡିପଦାରେ ଆୟୋଜିତ ବିକାଶମୂଳକ କାର୍ଯ୍ୟର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୬୨.୯୧ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ସହ ୮.୭୩ କୋଟି ଟଙ୍କା ମୂଲ୍ୟର ୬ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏତଦବ୍ୟତୀତ ଅନୁଗୋଳ ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ବଣ୍ଡରପାଳ ଅନ୍ତର୍ଗତ ତୁରଙ୍ଗ ପଞ୍ଚାୟତରେ ନୂତନ ପଞ୍ଚାୟତ ଗୃହ, ତୁରଙ୍ଗ ଛକ ଠାରେ ନବନିର୍ମିତ ଯାତ୍ରୀ ବିଶ୍ରାମାଗାର ଏବଂ ଛେଣ୍ଡିପଦା ଠାରେ ବାଲିପଟା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଅନୁଗୋଳ ଉପଜିଲାପାଳ ଉଦୟନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଗୋଳ ଜିଲାକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ଏକ ସ୍ୱଚ୍ଛ, ସୁନ୍ଦର, ସବୁଜର ଲୋଗୋ ଉନ୍ମୋଚନ କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଏସ୍‌ପି ସଞ୍ଜୀବ ପଣ୍ଡା ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ କଡ଼ା ଦୃଷ୍ଟି ରଖିଥିଲେ।

# ଢେଙ୍କାନାଳରେ ଇଦ୍ ପାଳିତ



କାଞ୍ଚନ ବଜାରସ୍ଥିତ ମୋତି ମସ୍‌ଜିଦଠାରେ ସମୂହ ପ୍ରାର୍ଥନା।



ମିନାବଜାର ଜାମା ମସ୍‌ଜିଦଠାରେ ସମୂହ ପ୍ରାର୍ଥନା।

ଢେଙ୍କାନାଳ,୨୧।୩(ରତନ ନାୟାର)

ଢେଙ୍କାନାଳ ସହରରେ ଶନିବାର ଇଦ୍ ପର୍ବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମିନାବଜାରସ୍ଥିତ ଜୁମା ମସଜିଦଠାରେ ସକାଳ ୯ଟା ସମୟରେ ସମୂହ ନମାଜ ପାଠ ଅନୁଷ୍ଠିତ ହୋଇଥିଲା । ବହୁସଂଖ୍ୟାରେ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଯୋଗଦେଇ ନମାଜ ପାଠ କରିଥିଲେ। ଏହାପରେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ । ସେହିପରି କାଞ୍ଚନ ବଜାରସ୍ଥିତ ମୋତି ମସଜିଦଠାରେ ଇଦ୍ ଉପଲକ୍ଷେ ସକାଳ ୯ଟା ୧୫ମିନିଟରେ ସମୂହ ନମାଜ ପାଠ ହୋଇଥିଲା । ଢେଙ୍କାନାଳ ସହରରେ ଚଳିତବର୍ଷ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଆନନ୍ଦଉଲ୍ଲାସର ସହ ଇଦ୍ ପାଳନ କରିଥିବା ବେଳେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଥିବା ଦେଖାଯାଇଥିଲା ।

# ଦିନବେଳେ ଗାଁ ଦାଣ୍ଡରେ ବୁଲିଲା ଦନ୍ତାହାତୀ

ଢେଙ୍କାନାଳ,୨୧।୩(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ରେଞ୍ଜ୍ ଅଞ୍ଚଳରେ ଗତ ୩ ଦିନ ହେବ ଗ୍ରାମଗୁଡ଼ିକରେ ଗୋଟିଏ ଗୋଠଛଡ଼ା ଦନ୍ତାହାତୀ ଦିନ ବେଳେ ଗାଁ ଦାଣ୍ଡରେ ବୁଲୁଥିବା ଦେଖାଯାଇଛି । ଶୁକ୍ରବାର ଏହି ହାତୀଟି କାଶୀପୁର, ଲହଡା ଆଦି ଗ୍ରାମରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଦିନବେଳେ ଗାଁ ଦାଣ୍ଡରେ ଦନ୍ତାହାତୀକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ଛୋଟ ପିଲାଠାରୁ ଆରମ୍ଭ କରି ଯୁବକ ଓ ବଡ଼ଲୋକମାନେ ମଧ୍ୟ ହାତୀ ପଛରେ ଯାଉଥିବା ଦେଖାଯାଇଥିଲା । ହାତୀଟି ଗାଁ ଦାଣ୍ଡରେ ଚାଲୁଥିବା ବେଳେ ଲୋକଙ୍କୁ ଗୋଡ଼ାଇବା କିମ୍ବା କୌଣସି ପ୍ରକାର ଉପଦ୍ରବ କରୁ ନ ଥିବା ଦେଖାଯାଇଛି । କେତେଜଣ ଯୁବକ ମୋବାଇଲରେ ହାତୀ ଚାଲୁଥିବାର ଫଟୋ ଓ ଭିଡିଓ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଜଣାପଡ଼ିଛି। ହାତୀଟି ୩ ଦିନ ଧରି ବିଭିନ୍ନ ଗ୍ରାମରେ ଦିନବେଳେ ବୁଲୁଥିବାରୁ ବନ ବିଭାଗର ନିଦ ହଜିଯାଇଛି। ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ ସଦସ୍ୟ ହାତୀ ପଛେପଛେ ବୁଲୁଥିବା ବେଳେ ଏହାର ଗତିବିଧି ଉପରେ ନଜର ରଖିଛନ୍ତି । ଏ ସଂକ୍ରାନ୍ତରେ ଷଡ଼ଙ୍ଗୀ ରେଞ୍ଜର ଗିରିଶ ଚନ୍ଦ୍ର ନାୟକ କହିଛନ୍ତି, ହାତୀଟି ଗାଁ ଦାଣ୍ଡରେ ବୁଲିବା କିଛି ନୂଆକଥା ନୁହେଁ । ସବୁଦିନେ ବୁଲୁଛି। ଆମେ ହାତୀ ଉପରେ ନଜର ରଖିଛୁ।



# ଛାତ୍ରୀ ହତ୍ୟାକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ

## ଏଆଇଡିଏସ୍ଓ ପକ୍ଷରୁ ଦାବି

ଢେଙ୍କାନାଳ,୨୧।୩(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ବାରିକଙ୍କ ହତ୍ୟାକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ବୋଲି ଶନିବାର ଏଆଇଡିଏସ୍ଓ ପକ୍ଷରୁ ଦାବି କରାଯାଇଛି । ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଢେଙ୍କାନାଳ ଜିଲା ସଂଯୋଜକ ବିନୋଦ ସେଠୀ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଗୋଟିଏ ପଟେ ପ୍ରଶାସନିକ ଅବହେଳାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଅନ୍ୟପଟରେ ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତି, ମଦ ଓ ମାଦକଦ୍ରବ୍ୟର ବହୁଳ ଭାବରେ ପ୍ରସାର ହୋଇଚାଲିଛି। ଫଳରେ ଯୁବ ସମାଜ ମାନସିକ ଭାରସାମ୍ୟ ହରାଇ ବସୁଛି । ରାଜ୍ୟରେ ନାରୀ ନିର୍ଯାତନା, ବଳାତ୍କାର ଓ ହତ୍ୟା ଆଦି ଘଟଣା ଘଟିବାରେ ଲାଗିଛି । ମୃତ ଛାତ୍ରୀଙ୍କ ପରିବାରକୁ ଉଚିତ ନ୍ୟାୟ ଦେବା ପାଇଁ ସଂଗଠନ ପକ୍ଷରୁ ଦୃଢ ଦାବି ହୋଇଛି ।

# ଦଶିପୁର ଗ୍ରାମପଞ୍ଚାୟତକୁ ଜିଲାସ୍ତରୀୟ ବନ ପୁରସ୍କାର




କାମାକ୍ଷାନଗର, ୨୧।୩ (ସୁଧୀର କୁମାର ପରିଡ଼ା)

ବିଶ୍ୱ ବନ ଦିବସ ଉପଲକ୍ଷେ କାମାକ୍ଷାନଗର ବନ ବିଭାଗ ଡାକବଙ୍ଗଳା ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ ବିଶ୍ୱ ବନ ଦିବସ ଅବସରରେ ଜଙ୍ଗଲ ସୁରକ୍ଷା, ବନାଗ୍ନି ପ୍ରତିରୋଧ, ଜୀବଜନ୍ତୁଙ୍କ ସୁରକ୍ଷା ହୋଇପାରିଲେ ପରିବେଶ ସୁରକ୍ଷିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ବିଶ୍ୱ ବନ ଦିବସ ଉପଲକ୍ଷେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ବନଖଣ୍ଡ ଅଧିକାରୀ କର କଙ୍କଡାହାଡ଼ ବ୍ଲକ ଦଶିପୁର ଗ୍ରାମପଞ୍ଚାୟତକୁ ଜିଲାସ୍ତରୀୟ ବନ ପୁରସ୍କାର ସ୍ୱରୂପ ମାନପତ୍ର ଓ ୨୦ ହଜାର ଟଙ୍କା ଆର୍ଥିକ ରାଶି ସରପଞ୍ଚ ସୁଧୀର ପାଳଙ୍କୁ ପ୍ରଦାନ କରିଥିଲେ। ସୂଚନା ମୁତାବକ, ଦଶିପୁର ଗ୍ରାମ ପଞ୍ଚାୟତ ପକ୍ଷରୁ ବ୍ୟାପକ ଚାରା ରୋପଣ, ଜଙ୍ଗଲ ଓ ପରିବେଶ ସୁରକ୍ଷା ତଥା ବ୍ୟାପକ ଜଙ୍ଗଲ ସୃଷ୍ଟି, ଜୀବଜନ୍ତୁ ଓ ପରିବେଶ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରୁଥିବା ଭଳି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଥିବାରୁ ଜିଲାସ୍ତରୀୟ ବନ ପୁରସ୍କାର ମିଳିଛି। ଦଶିପୁର ସରପଞ୍ଚ ପାଳ କହିଛନ୍ତି, ଜଙ୍ଗଲ ବିନା ସୃଷ୍ଟି ତିଷ୍ଠିବା ସମ୍ଭବ ନୁହେଁ। ଜଙ୍ଗଲ, ବନ୍ୟଜନ୍ତୁ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହି ପୁରସ୍କାର ଆଗାମୀ ଦିନରେ ଏକ ପ୍ରେରଣା ହେବ ବୋଲି ପାଳ କହିଛନ୍ତି। ମହାବିରୋଡ଼ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବନ କର୍ମଚାରୀ ସହଯୋଗ କରିଥିଲେ। ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକର ଦଶୀପୁର ଗ୍ରାମ ପଞ୍ଚାୟତ ଜିଲାସ୍ତରୀୟ ବନ ପୁରସ୍କାର ମିଳିଥିବାରୁ କଙ୍କଡାହାଡ଼ ବ୍ଲକରେ ଖୁସିର ଲହରୀ ଖେଳିଯାଇଛି।

# ବିଶ୍ୱ ଡାଉନ ସିଣ୍ଡ୍ରୋମ୍ ଦିବସ ପାଳିତ




ବିଶ୍ୱ ଡାଉନ ସିଣ୍ଡ୍ରୋମ୍ ଦିବସ ପାଳିତ।

ଢେଙ୍କାନାଳ,୨୧।୩(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ପ୍ରିୟ ଅନୁଷ୍ଠାନ ଓ ନ୍ୟାଶନାଲ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଶନିବାର ବିଶ୍ୱ ଡାଉନ ସିଣ୍ଡ୍ରୋମ୍ ଦିବସ ପାଳିତ ହୋଇଯାଇଛି । ନିର୍ଦ୍ଦେଶକ ଟଙ୍କଧର ବେହେରା ଡାଉନ ସିଣ୍ଡ୍ରୋମ୍ ଭିନ୍ନକ୍ଷମ ପିଲାମାନଙ୍କର ଲକ୍ଷଣ ସମ୍ପର୍କରେ ବୁଝାଇଥିଲେ । ମୁଖ୍ୟ ଅତିଥି ଭାବେ ଫିଜିଓଥେରାପିଷ୍ଟ ସାହିଲ ଆଫ୍ରିଡ୍, ପ୍ରକଳ୍ପ ସଂଯୋଜିକା ଇଲନପ୍ରଭା ସେନାପତି ଚିତ୍ର ମାଧ୍ୟମରେ ବୁଝାଇଥିଲେ । ସମସ୍ତ ଶିଶୁମାନଙ୍କୁ ବିସ୍କୁଟ, ପ୍ରୋଟିନ, ଔଷଧ ବଣ୍ଟନ କରାଯାଇଥିଲା । ପିଲାମାନଙ୍କର ଠିକ୍ ଦାୟିତ୍ୱ ଓ ଯତ୍ନ ନେବା ପାଇଁ ଉପସ୍ଥିତ ମା'ମାନଙ୍କୁ ଫିଜିଓଥେରାପିଷ୍ଟ ନିବେଦିତା ନାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟପ୍ରକାଶ ନାୟକ, ବର୍ଷାରାଣୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା, ସୌଭାଗ୍ୟଲକ୍ଷ୍ମୀ ତରାଇ, ଅନ୍ନପୂର୍ଣ୍ଣା ଧଳ, ସ୍ୱାଗତିକା ରାଉତ, କୁସୁମିତା ବାଗ, ଲିପ୍‌ସା ସାହୁ, ସାବିତ୍ରୀ ସାହୁ, ବୈକୁଣ୍ଠନାଥ ପାତ୍ର ଓ ରବୀନ୍ଦ୍ର କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

# କୁଞ୍ଜକାନ୍ତଠାରେ ରାମଚରିତ ମାନସ ନବାହ୍ନ ପାରାୟଣ



ଢେଙ୍କାନାଳ,୨୧।୩(ରତନ ନାୟାର)

ଢେଙ୍କାନାଳ ସହର କୁଞ୍ଜକାନ୍ତ ପୋଖରୀ ହୁଡାରେ ଥିବା ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଦଶମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ୧୮ ତାରିଖଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବିଭିନ୍ନ ଦିବସରେ ମୃତ୍ୟୁଞ୍ଜୟ ଦାଶଜୀ ମହାରାଜଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ କାର୍ଯ୍ୟ, ସୂର୍ଯ୍ୟପୂଜା, ଗୋପୂଜା, ଷୋଡଶ ଉପଚାରା ପୂଜା ଶ୍ରୀ ରାମାର୍ଚ୍ଚନ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେହ ସନ୍ଧ୍ୟା ସାଢେ ୭ଟା ସମୟରେ ପ୍ରବଚକ ବସନ୍ତ କୁମାର ପଣ୍ଡା, ପ୍ରତାପ କୁମାର ନନ୍ଦ ଓ ମୃତ୍ୟୁଞ୍ଜୟ ଦାଶଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ଅବସରରେ ରାଜା ରାଜେଶ୍ୱର ବେଶ ସହିତ ଯଜ୍ଞର ପୂର୍ଣ୍ଣାହୁତି ହେବ । ଦିବା ୧ଘଟିକା ସମୟରେ ହରିହାଟ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାଯାଇଛି।

# ଗୁଣ୍ଡିଚାପଡ଼ାରେ ଇଦ୍-ଉଲ୍-ଫିତର ପାଳିତ



ଢେଙ୍କାନାଳ,୨୧।୩(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାସ୍ଥିତ ଅହମ୍ମଦିଆ ମୁସଲିମ ଜାମା ମସଜିଦଠାରେ ଶନିବାର ତ୍ୟାଗ, ତପସ୍ୟା ଓ ଭାଇଚାରାର ପର୍ବ ଇଦ୍-ଉଲ-ଫିତର ଆନନ୍ଦଉଲ୍ଲାସର ସହ ପାଳିତ ହୋଇଯାଇଛି । ଏହି ଅବସରରେ ମୌଲବୀ ମୁଜାଫର ଖାଁ ଇଦ୍ ନମାଜ ପାଠ କରାଇଥିଲେ ଏବଂ ଧର୍ମ ଉପଦେଶ ଦେଇ ଇଦ୍-ଉଲ-ଫିତରର ମହାନ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅହମ୍ମଦିଆ ମୁସଲିମ ସମ୍ପ୍ରଦାୟ ଗୁଣ୍ଡିଚାପଡ଼ାର ସଭାପତି ସୁଲେମାନ ଅଲ୍ଲୀ ଖାଁ ଇଦ୍‌ର ମହିମା ବର୍ଣ୍ଣନା କରି ଏହି ପର୍ବ ସମାଜରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ଭାଇଚାରା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଭାରତୀୟ ସେନାର ଅବସରପ୍ରାପ୍ତ ସୈନିକ ତୋରାବ ଖାଁ, ଆୟୁବ ଖାଁ, ସଲିମୁଦ୍ଦିନ ଖାଁ, ସେକ୍ ବସିର, ମୌଲବୀ ଜଲ୍ଲାଉଦ୍ଦିନ ଖାଁ, ମହମ୍ମୁଦ ଖାଁ, ଇଦ୍‌ରିଶ ଖାଁ, ଶେଖ ମୁବସିର, ମହିଉଦ୍ଦିନ ଖାଁ, ପୂର୍ବତନ ପୋଲିସ ଅଧିକାରୀ ଫରଜୁଲା ଖାଁ ଓ ଯୁବ ସଂଗଠନର ଅଧ୍ୟକ୍ଷ ସୁଲେମାନ ଖାଁ ସମସ୍ତଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ ।

# ଉନ୍ନିକ୍ରିଷ୍ଣନଙ୍କ ବିୟୋଗରେ ଉଫୁନାର ଶୋକ

ଢେଙ୍କାନାଳ,୨୧।୩(ରତନ ନାୟାର)



କେ.ପି ଉନ୍ନିକ୍ରିଷ୍ଣନ

ଢେଙ୍କାନାଳ ଉଫୁନା କାର୍ଯ୍ୟାଳୟ ପରିସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ଉନ୍ନିକ୍ରିଷ୍ଣନଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉଫୁନାର ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, କବି ବାହାଦୂର ପାଟସାହାଣୀ, ଇଂ. ଡମ୍ବରୁଧର ପଣ୍ଡା, ଇଂ. ଲଳିତ ମୋହନ ବେହେରା, ବିପିନ ବେହେରା, ଇଂ. ଅକ୍ଷୟ ଶତପଥୀ, ସରୋଜ ଶତପଥୀ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରି ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଆସନ୍ତା ଏପ୍ରିଲ ୨ ତାରିଖରେ ନୂଆଦିଲ୍ଲୀଠାରେ ସର୍ବଦଳୀୟ ଶୋକସଭା ଅନୁଷ୍ଠିତ ହେବ ବୋଲି ମନୋରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । କେରଳ ରାଜ୍ୟର କାଲିକଟଠାରେ ଜନ୍ମିତ ଉନ୍ନିକ୍ରିଷ୍ଣନ ଜଣେ ପ୍ରଗତିଶୀଳ ସମାଜବାଦୀ ନେତା ଥିଲେ। ସେ ୬ ଥର ଲୋକ ସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ରହିଥିଲେ ।

# ପୂର୍ବତନ କୃଷି କର୍ମଚାରୀଙ୍କ ପରଲୋକ

କାମାକ୍ଷାନଗର, ୨୧।୩ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ଆଳତୁମା ଗ୍ରାମର ଅବସରପ୍ରାପ୍ତ କୃଷି କର୍ମଚାରୀ ମାୟାଧର ମହାନ୍ତିଙ୍କର ଶନିବାର ସକାଳ ୬ଟା ୨୦ ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ସ୍ୱର୍ଗତ ମହାନ୍ତି ଦୀର୍ଘ ବର୍ଷ ଧରି ଓଡ଼ିଶା ସରକାରଙ୍କ କୃଷି ବିଭାଗର ଗ୍ରାମସେବକ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ ତାଙ୍କ ବିୟୋଗରେ ଆଳତୁମା ଗ୍ରାମ ସମେତ କାମାକ୍ଷାନଗର ଅଞ୍ଚଳ ପାଇଁ ତଥା ବିଶେଷ କରି କୃଷକ ଭାଇମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି। ତାଙ୍କ ବିୟୋଗରେ ଏମ୍‌ପି ରୁଦ୍ରନାରାୟଣ ପାଣି, ବିଧାୟକ ଶତ୍ରୁଘ୍ନ ଜେନା, ଆଳତୁମା ଗାଁ ସଭାପତି ବିଭୂତି ଭୂଷଣ ମହାନ୍ତି, କୁଶିଆ ଗାଁ ସଭାପତି ଲିଙ୍ଗରାଜ ଜେନାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରାମିଆଳ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ୧୫ ଚିହ୍ନଟ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ବ୍ୟବସ୍ଥା

## ତୃତୀୟ ପର୍ଯ୍ୟାୟ କିଡ୍‌ନୀ ରୋଗ ପରୀକ୍ଷଣ ଶିବିର

ଢେଙ୍କାନାଳ,୨୧।୩(ରତନ ନାୟାର)




ତୃତୀୟ ପର୍ଯ୍ୟାୟ କିଡ୍‌ନୀ ରୋଗ ପରୀକ୍ଷଣ ଶିବିର।

ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ, ରୋଟାରି କ୍ଲବ୍ ଓ ଜିଲା ସ୍ୱାସ୍ଥ୍ୟ ସମିତିର ମିଳିତ ସହଯୋଗରେ ସ୍ଥାନୀୟ ରୋଟାରି କ୍ଲବ୍ ପରିସରରେ ଏକ କିଡ୍‌ନୀ ରୋଗ ରକ୍ତ ନମୁନା ପରୀକ୍ଷଣ ଓ ସଚେତନତା ଶିବିର ଶନିବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ରୋଟାରିଆନ୍ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସପନ କୁମାର ମହାନ୍ତି ଓ ଜିଲା ରେଡ୍‌କ୍ରସ୍ ଶାଖା ଉପାଧ୍ୟକ୍ଷ ରୋଟାରିଆନ୍ ରାଜକିଶୋର ବେହେରା କିଡ୍‌ନୀ ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା ପରାମର୍ଶ ନେଇ ସୁସ୍ଥ ହୋଇପାରିବେ ବୋଲି ବାର୍ତ୍ତା ଦେଇଥିଲେ। ଶିବିରକୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ସଞ୍ଜୀବନୀ ସଂଯୋଜକ ଦେବବ୍ରତ ମିଶ୍ର ଓ ଟେକ୍ନିସିଆନମାନେ ରକ୍ତ ନମୁନା ସଂଗ୍ରହ କରିଥିଲେ । ୧୫ଜଣ ପଜିଟିଭ ଚିହ୍ନଟ ରୋଗୀମାନଙ୍କ ପରବର୍ତ୍ତୀ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା । ରୋଟାରି କ୍ଲବ୍ ସଭାନେତ୍ରୀ ସାଗରିକା ମିଶ୍ର, ସମ୍ପାଦକ ତପନ୍ ପାଲ୍, ବିରଞ୍ଚି ନାରାୟଣ ପାଣି, ପ୍ରଦୋଷ ଶତପଥୀ, ବିନୋଦ ଅଗ୍ରୱାଲ୍, ଅଭିମନ୍ୟୁ ସାହୁ, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ମହେଶ ପ୍ରସାଦ ଅଗ୍ରୱାଲ୍, କୃଷ୍ଣଚନ୍ଦ୍ର ଦେବତା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି କିଡ୍‌ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିରର ଚତୁର୍ଥ ପର୍ଯ୍ୟାୟ ୨୮ ତାରିଖ ପୂର୍ବାହ୍ନ ୯ଟାରୁ ୧୨ଟା ପର୍ଯ୍ୟନ୍ତ ରୋଟାରି କ୍ଲବ୍ ପରିସରରେ ଅନୁଷ୍ଠିତ ହେବ। ଶିବ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଢେଙ୍କାନାଳର ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଆଲୋଚନା

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲା ପ୍ରତିନିଧି ଦଳ

ଢେଙ୍କାନାଳ,୨୧।୩(ରତନ ନାୟାର)



ଢେଙ୍କାନାଳର ପ୍ରତିନିଧି ଦଳ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସ୍ମାରକପତ୍ର ଦେଉଛି।

ଢେଙ୍କାନାଳ ଜିଲାର ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ରରେ ସାମଗ୍ରିକ ଅଭିବୃଦ୍ଧି ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଉପରେ ଶନିବାର ଅନୁଗୋଳ ସର୍କିଟ ହାଉସଠାରେ ଢେଙ୍କାନାଳର ଏକ ପ୍ରତିନିଧି ଦଳ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଆଲୋଚନା କରିଛି। ଜିଲାରେ ପର୍ଯ୍ୟଟନ ଢାଞ୍ଚାର ସୁଦୃଢ଼ୀକରଣ, ସଡ଼କ ଓ ରେଳପଥ ସଂଯୋଗ ସହିତ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡିକରେ ଆବଶ୍ୟକ ସୁବିଧା ପାଇଁ ପ୍ରାଥମିକତା ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଯୁବତୀ ଯୁବକଙ୍କ ପାଇଁ ପର୍ଯ୍ୟଟନ ଓ ଆତିଥ୍ୟ ନେଇ କୌଶଳ ବିକାଶ କ୍ଷେତ୍ରରେ ଅଗ୍ରାଧିକାର ଦେବା, ଡୋକ୍ରା କାଷ୍ଟିଙ୍ଗ, ଆଦିବାସୀ ଅଳଙ୍କାର, ବାଉଁଶ ଓ କାଠ କାରିଗର କାମ ଭଳି ସ୍ଥାନୀୟ କଳା, ହସ୍ତଶିଳ୍ପ ଆଦିକୁ ବଜାର ସହ ଯୋଡ଼ିବା ପାଇଁ କ୍ଲଷ୍ଟର ଡେଭେଲପମେଣ୍ଟ ଯୋଜନା ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପର୍ଯ୍ୟଟନକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ 'ଆପ୍' ଓ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପର୍ଯ୍ୟଟନ ସ୍ଥଳୀର ପ୍ରଚାର ପ୍ରସାର କରାଯିବା ସହ କପିଳାସରେ ରୋପୱେ ସୁବିଧା, ଢେଙ୍କାନାଳରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପୁନଃ ଅଟୋନୋମସ୍ ଏବଂ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ପ୍ରତିନିଧି ଦଳ ଅନୁରୋଧ କରିଥିଲା। ତେବେ ପ୍ରତିନିଧି ଦଳର ଏହି ପ୍ରୟାସକୁ କେନ୍ଦ୍ରମନ୍ତ୍ରୀ ସ୍ୱାଗତ କରିଥିଲେ। ଢେଙ୍କାନାଳରେ ସେମିନାର, କର୍ମଶାଳା ଓ ଆଲୋଚନାଚକ୍ରମାନ ଆୟୋଜନ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ, ଯାହା ଫଳରେ ଢେଙ୍କାନାଳକୁ ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି କେନ୍ଦ୍ର ଭାବେ ପରିଣତ କରିବାର ସ୍ୱପ୍ନ ସାକାର ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଏହି ପ୍ରତିନିଧି ଦଳରେ ୱିଙ୍ଗ୍ କମାଣ୍ଡର ବି.ଏସ୍. ସିଂହଦେଓ, ସରୋଜ ପଟ୍ଟନାୟକ, ଯୋଗୀନାଥ ମହାନ୍ତି, ସନ୍ତୋଷ କୁମାର ମିଶ୍ର, ରାଜକିଶୋର ବେହେରା, ମଳୟ ରଞ୍ଜନ ପତି ଓ ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

